



## ୧. ଗ୍ରାମୀଣ ଆବାସ (Rural Housing)

ବିଭିନ୍ନ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ସମୁଦାୟ ୪,୮୭,୨୦୬ ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

### କ) ଆର୍ଥିକ ବର୍ଷ ୨୦୨୪-୨୫

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) (PMAYG) ଯୋଜନା ଅଧୀନରେ ୧,୯୨,୦୭୯ ଟି, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (PM-JANMAN) ଅଧୀନରେ ୯,୪୯୩ ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ୩୦.୦୩.୨୦୨୫ ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା 'ଅନ୍ତ୍ୟୋଦୟ ଗୃହ ଯୋଜନା' ଅଧିନରେ ୫୭,୫୨୭ ଜଣ ହିତାଧିକାରୀଙ୍କୁ ଗୃହ ମଞ୍ଜୁର କରାଯାଇଛି।

### ଖ) ଆର୍ଥିକ ବର୍ଷ ୨୦୨୫-୨୬

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) (PMAYG) ଅଧୀନରେ ୧,୬୨,୮୫୫ ଟି, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (PM-JANMAN) ଅଧୀନରେ ୨୦,୬୬୫ ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୧.୫୭

ଲକ୍ଷ ହିତାଧିକାରୀଙ୍କୁ ଗୃହ ମଞ୍ଜୁର କରାଯାଇଥିବା ବେଳେ ସେଥିମଧ୍ୟରୁ ୭୪,୬୫୨ ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

## ଗ) ବିଗତ ଦୁଇ ବର୍ଷର ଉପଲବ୍ଧି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) (PMAYG) ଯୋଜନା ଅଧୀନରେ ସମୁଦାୟ ୩,୬୩,୪୬୫ ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତତ୍ ସହିତ, ୩୭,୮୯,୨୩୪ ଜଣ ସମ୍ଭବତଃ ବାଦ୍ ପଡ଼ିଥିବା ପରିବାରଙ୍କୁ 'ଆୱାସ+ ୨୦୨୪' ସର୍ବେକ୍ଷଣ ମାଧମରେ ଚିହ୍ନିତ କରାଯାଇଛି ।

ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (PM-JANMAN) ଯୋଜନା ଅଧୀନରେ ୩୧,୮୮୮ ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ୮,୭୬୨ ଟି ଘରର କାର୍ଯ୍ୟ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।



ଏହି ଯୋଜନାରେ ହିତାଧିକାରୀ ମାନଙ୍କୁ ୩୬୪ କୋଟି ଟଙ୍କାର କିସ୍ତି ରାଶି ପ୍ରଦାନ କରାଯାଇଛି ।

## ଅନ୍ତ୍ୟୋଦୟ ଗୃହ ଯୋଜନା (AGJ)

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୩୦.୦୩.୨୦୨୫ ରିଖରେ ଏହି ନୂତନ ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଯୋଜନାରେ ବାସହୀନ ପରିବାର; ଯେଉଁ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଜଣେ ଭିନ୍ନକ୍ଷମ; ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପତ୍ତି ଯଥା ଅଗ୍ନିକାଣ୍ଡ, ହାତୀ ଉପଦ୍ରବ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଘର; ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଥିବା ପରିବାରର ମୁଖ୍ୟଙ୍କ ପରିବାର ଏବଂ ବିଧବାମାନଙ୍କୁ ସାମିଲ କରାଯାଇଛି।



ରାଜ୍ୟ ସରକାର ୧,୫୭,୨୫୩ ଟି ଗୃହ ମଞ୍ଜୁର କରିଛନ୍ତି, ସେଥିମଧ୍ୟରୁ ୧,୬୮୫ କୋଟି ଟଙ୍କା ବ୍ୟୟରେ ୯୧,୮୫୩ ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ତୃତୀୟ ପର୍ଯ୍ୟାୟରେ ୨୪.୦୪.୨୦୨୬ ରିଖରେ ଆବଣ୍ଟିତ



ଜିଲ୍ଲାଗୁଡ଼ିକୁ ଆଉ ୫୧,୧୬୪ଟି ଅଧିକ ଗୃହ  ନିର୍ମାଣ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସର୍ବମୋଟ ଭାବେ, ଏହି ଯୋଜନା ଅନ୍ତର୍ଗତ ୨.୦୮  ଲକ୍ଷ ଗୃହ ପାଇଁ କାର୍ଯ୍ୟାଦେଶ (Work order) ଦିଆଯାଇଛି।

## ପ୍ରୋତ୍ସାହନ ରାଶି (Incentive)

୪ ରୁ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିଥିବା ପରିବାରର ୮୮,୫୩୮ ଜଣ ହିତାଧିକାରୀଙ୍କୁ ୧୩୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

## ସାମଗ୍ରୀ ପରିବହନ ପାଇଁ ଅତିରିକ୍ତ ପାଣ୍ଠି (Headload)

ଦୁର୍ଗମ ଅଞ୍ଚଳରେ ଗୃହ ନିର୍ମାଣ ସାମଗ୍ରୀ ପରିବହନ ପାଇଁ ୮,୦୧୨ ଜଣ  ପି.ଏମ୍. ଜନମନ (PM-JANMAN) ହିତାଧିକାରୀଙ୍କ ନିମନ୍ତେ ୧୨,୦୦୦ ଟଙ୍କା ଲେଖାଏଁ ଅତିରିକ୍ତ ସହାୟତା ଅନୁମୋଦନ କରାଯାଇଛି। ଏପର୍ଯ୍ୟନ୍ତ ୫,୬୬୦ ଜଣ ହିତାଧିକାରୀଙ୍କୁ ଏହି ସହାୟତା ଯୋଗାଇ ଦିଆଯାଇଛି ।

## ସମନ୍ୱୟ (Convergence)

ମନରେଗା (MGNREGS) ଯୋଜନା ସହ ସମନ୍ୱୟ ରକ୍ଷା କରି, ଆଦିବାସୀ ଅଧ୍ୟୁଷିତ / ପଛୁଆ (IAP) ଜିଲ୍ଲାର ହିତାଧିକାରୀ ମାନଙ୍କୁ ୯୫ ଦିନର ମଜୁରୀ ଏବଂ ଅଣ ଆଦିବାସୀ ଅଧ୍ୟୁଷିତ/ ପଛୁଆ (Non-IAP) ଜିଲ୍ଲାର ହିତାଧିକାରୀ ମାନଙ୍କୁ ୯୦ ଦିନର ରୋଜଗାର ପ୍ରଦାନ କରାଯାଉଛି।











## ୨. ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS)

### କ) ଆର୍ଥିକ ବର୍ଷ ୨୦୨୪-୨୫

**ନିଯୁକ୍ତି ସୁଯୋଗ ସୃଷ୍ଟି :** ମନରେଗା ଅଧୀନରେ ସମୁଦାୟ ୧୧.୯୩ କୋଟି ଶ୍ରମ ଦିବସ (person-days) ସୃଷ୍ଟି କରାଯାଇଛି । ଏହି ଯୋଜନା ଅଧିନରେ ୨,୦୧,୨୬୫ ଟି ପରିବାର ସଫଳତାର ସହ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଅଛନ୍ତି।



**ଦାଦନ-ପ୍ରବଣ ବ୍ଲକଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି**

୩୦ଟି ଦାଦନପ୍ରବଣ ବ୍ଲକରେ ୨.୬୯ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୯୨,୫୨୨ ପରିବାର ୧୦୦ ଦିନ, ୨୭,୬୫୫ ପରିବାର ୨୦୦ ଦିନ ଏବଂ ୨,୧୨୬ ପରିବାର ୩୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି।



### ଖ) ଆର୍ଥିକ ବର୍ଷ ୨୦୨୫-୨୬

**ନିଯୁକ୍ତି ସୁଯୋଗ ସୃଷ୍ଟି:** ମନରେଗା ଅଧୀନରେ ସମୁଦାୟ ୧୨.୬୭ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇ ଥିବା ବେଳେ ୨,୧୫,୭୮୨ ଟି ପରିବାର ସଫଳତାର ସହ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି।



**ଦାଦନ-ପ୍ରବଣ ବ୍ଲକଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି :**

୩୦ଟି ଦାଦନ-ପ୍ରବଣ ବ୍ଲକ ଗୁଡ଼ିକରେ ୨.୫୦ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ,ସେଥି ମଧ୍ୟରୁ ୮୮,୯୯୭ ପରିବାର ୧୦୦ ଦିନ, ୮,୩୨୨ ପରିବାର ୨୦୦ ଦିନ ଏବଂ ୧୮୮ ପରିବାର ୩୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି।

### ଗ) ଗତ ଦୁଇ ବର୍ଷ:

**ନିଯୁକ୍ତି ସୁଯୋଗ ସୃଷ୍ଟି:** ମନରେଗା ଅଧୀନରେ ସମୁଦାୟ ୨୪.୭୮ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳ ୪,୧୭,୦୪୮ ଟି ପରିବାର ସଫଳତାର ସହ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି।

**ଦାଦନ ପ୍ରବଣ ବ୍ଲକଗୁଡ଼ିକରେ ନିଯୁକ୍ତି ସୁଯୋଗ :** ୩୦ଟି ଦାଦନପ୍ରବଣ ବ୍ଲକରେ ୫.୨୫ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ୧,୮୧,୫୨୦ ପରିବାର ୧୦୦ ଦିନ, ୩୫,୯୭୭ ପରିବାର ୨୦୦ ଦିନ ଏବଂ ୨,୩୧୪ ପରିବାର ୩୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି।



**ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ:** ସମୁଦାୟ ୩,୪୨୧ଟି ଅଙ୍ଗନବାଡ଼ି କେନ୍ଦ୍ର (AWC)ର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ସେଥିମଧ୍ୟରୁ ୩,୨୯୩ଟି କେନ୍ଦ୍ର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଏବଂ ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଛି ଏବଂ ଅନ୍ୟ ୪,୦୧୮ଟି କାର୍ଯ୍ୟ ଚାଲୁ ରହିଛି।



## ୩. ମା'ଙ୍କ ନାଁରେ ଗଛଟିଏ

୧୭.୦୯.୨୦୨୫ ରିଖରେ ସମଗ୍ର ରାଜ୍ୟରେ "ଏକ ପେଡ୍ ମାଆ କେ ନାମ" ବୃକ୍ଷରୋପଣ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି କ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ (PR&DW) ବିଭାଗ ପକ୍ଷରୁ ୬,୭୯୪ଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯାଇଥିଲା ଏବଂ ଏହି ଏକଦିବସୀୟ ବୃକ୍ଷରୋପଣ ଅଭିଯାନରେ ୩୭.୩୦ ଲକ୍ଷ ଚାରା ରୋପଣ କରାଯାଇଥିଲା। ଓଡ଼ିଶାର ୩୫ଟି ବିଭାଗ ମଧ୍ୟରେ ସର୍ବମୋଟ ୧୨୧.୩୮ ଲକ୍ଷ ବୃକ୍ଷରୋପଣ କରାଯାଇଥିବା ବେଳେ, ଏଥିରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରଥମ ସ୍ଥାନ ହାସଲ କରିଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଅଧୀନରେ ପ୍ରଥମ ବର୍ଷର ବୃକ୍ଷରୋପଣ ଏବଂ ପରବର୍ତ୍ତୀ ଦୁଇ ବର୍ଷର ରକ୍ଷଣାବେକ୍ଷଣ ପାଇଁ ବ୍ୟୟବରାଦରେ ପ୍ରାବଧାନ କରାଯାଇଛି।



ଏହା ବ୍ୟତୀତ, ଗଛଗୁଡ଼ିକର ସଠିକ୍ ଯତ୍ନ ଓ ଅଭିବୃଦ୍ଧି ନିଶ୍ଚିତ କରିବା ପାଇଁ ପାଣି ଦେବା, ସାର ପ୍ରୟୋଗ, ଘାସ

ବାଛିବା ଓ ସଫା କରିବା ଏବଂ ଜୈବିକ ସାର ଓ ଜୈବିକ କୀଟନାଶକ ପ୍ରୟୋଗ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି।

## ୪.ଗ୍ରାମୋଦୟ ଅଭିଯାନ (Gramodaya Initiative)



୧୦ଟି ଜିଲ୍ଲାର ୩୯ଟି ବ୍ଲକ୍ ଅନ୍ତର୍ଗତ ୧୯୨ଟି ଗ୍ରାମ ପଞ୍ଚାୟତରେ ଥିବା ୪୮୪ଟି ବାମପନ୍ଥୀ ଉଗ୍ରବାଦ (LWE) ପ୍ରଭାବିତ ଗ୍ରାମରେ ଜନକଲ୍ୟାଣକାରୀ ଯୋଜନା ଏବଂ ମୌଳିକ ସୁବିଧାଗୁଡ଼ିକର ସମ୍ପୂର୍ଣ୍ଣ ସୁଫଳ (saturation coverage) ସୁନିଶ୍ଚିତ କରିବା ପାଇଁ 'ଗ୍ରାମୋଦୟ ଅଭିଯାନ' ହାତକୁ ନିଆଯାଇଛି। ଶାସନ-ଆଧାରିତ ବିକାଶ, ଅନ୍ତର୍ବିଭାଗୀୟ ସମନ୍ୱୟ ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରରେ ନିରନ୍ତର ଅନୁଧ୍ୟାନ (monitoring) ମାଧ୍ୟମରେ ସରକାର, ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଗଠନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

- ସମସ୍ତ ୪୮୪ଟି ଗ୍ରାମରେ ସୁରକ୍ଷିତ ପାନୀୟ ଜଳର ସୁବିଧା ଉପଲବ୍ଧ କରାଯାଇଛି।
- ଅଙ୍ଗନବାଡ଼ି କେନ୍ଦ୍ର (AWC) ଗୃହ ଏବଂ ଏହାର ସହାୟକ ଭିତ୍ତିଭୂମି—ଯେଉଁଥିରେ ବିଦ୍ୟୁତକରଣ, ଏଲ୍.ପି.ଜି. (LPG) ସଂଯୋଗ, ଶୌଚାଳୟ ଏବଂ ରୋଷେଇ ଘର ଇତ୍ୟାଦି ନିର୍ମାଣ କରାଯାଇଛି।
- ସାମୁଦାୟିକ ସହଭାଗିତା ଏବଂ ଯୁବବର୍ଗଙ୍କ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯାଇଛି।

## ୫. ଆନ୍ତଃ ଏବଂ ଅନ୍ତଃ ଗ୍ରାମ୍ୟ ସଡ଼କ (Inter and Intra Village Road) ନିର୍ମାଣ

### ଅନ୍ତଃ ଗ୍ରାମ୍ୟ ସଡ଼କ (Intra-Village Road - ଗାଁ ଭିତରର ରାସ୍ତା):



ସର୍ବମୋଟ ୨,୦୨୪.୬୩ କିଲୋମିଟର ରାସ୍ତା ନିର୍ମାଣ କରାଯାଇଛି। ଏଥିମଧ୍ୟରେ ବିକଶିତ ଗାଁ ବିକଶିତ ଓଡିଶା. (BGBO) ଅଧୀନରେ ୯୨୦.୫୧ କିଲୋମିଟର, କେନ୍ଦ୍ରୀୟ ଅର୍ଥ କମିଶନଙ୍କ ଅଧୀନରେ ୩୪୦.୦୮ କିଲୋମିଟର ଏବଂ ରାଜ୍ୟ ଅର୍ଥ କମିଶନଙ୍କ ଅଧୀନରେ ୭୬୪.୦୪ କିଲୋମିଟର ରାସ୍ତା ସାମିଲ ରହିଛି।

**ଆନ୍ତଃ ଗ୍ରାମ୍ୟ ସଡ଼କ (Inter-Village Road - ଗୋଟିଏ ଗାଁରୁ ଅନ୍ୟ ଗାଁକୁ ସଂଯୋଗ କରୁଥିବା ରାସ୍ତା)**: ସର୍ବମୋଟ ୭୩୫.୯୦ କିଲୋମିଟର ରାସ୍ତା ନିର୍ମାଣ କରାଯାଇଛି। ଏଥିମଧ୍ୟରେ ବି.ଜି.ବି.ଓ. (BGBO) ଅଧୀନରେ ୨୧୦. ୮୮ କିଲୋମିଟର, କେନ୍ଦ୍ରୀୟ ଅର୍ଥ କମିଶନଙ୍କ ଅଧୀନରେ ୨୬୯.୫୮ କିଲୋମିଟର ଏବଂ ରାଜ୍ୟ ଅର୍ଥ କମିଶନଙ୍କ ଅଧୀନରେ ୨୫୫.୪୪ କିଲୋମିଟର ରାସ୍ତା ଅନ୍ତର୍ଭୁକ୍ତ।



- ୧୦,୨୯୧.୮୩ କୋଟି ଟଙ୍କା ବିନିଯୋଗ କରାଯାଇ ସର୍ବମୋଟ ୨,୭୬୦.୫୩ କିଲୋମିଟର ଆନ୍ତଃ ଏବଂ ଅନ୍ତଃ ଗ୍ରାମ୍ୟ ସଡ଼କ ନିର୍ମାଣ କରାଯାଇଛି, ଯେଉଁଥିରେ ୩୭,୪୦୮ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।

## ୬. ଗ୍ରାମୀଣ ଜଳ ଯୋଗାଣ

ଗତ ଦୁଇ ବର୍ଷ ମଧ୍ୟରେ ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟକ୍ରମରେ ନିରନ୍ତର ଅଗ୍ରଗତି ହାସଲ ହୋଇଛି।



ବର୍ତ୍ତମାନ ସମୁଦାୟ ୮୮,୬୪,୯୬୧ ପରିବାର ମଧ୍ୟରୁ ୬୮,୫୨,୮୫୯ ପରିବାର (୭୭.୫୩%) କୁ କାର୍ଯ୍ୟକ୍ଷମ ପାଇପ୍ ଯୋଗେ ପାଇପ୍ ଜଳ ଯୋଗାଣ (FHTC) କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୨୮,୩୫୮ଟି ଗ୍ରାମର ପରିବାର କୁ ପାଇପ୍ ଜଳ ଯୋଗାଣ ମାଧ୍ୟମରେ ଜଳ ଯୋଗାଇ ଦିଆ ଯାଉଛି।




### କ) ଆର୍ଥିକ ବର୍ଷ ୨୦୨୪-୨୫:

- ୨,୯୨,୭୬୦ ପରିବାରକୁ ଘରୋଇ ନଳଦ୍ୱାରା ପାନୀୟ ଜଳ ସଂଯୋଗ (Household tap connection) କରାଯାଇଛି;
- ୭,୦୩୭ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ସହ ଘରୋଇ ନଳଦ୍ୱାରା ପାନୀୟ ଜଳ ସଂଯୋଗ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଇଛି;



- ୧,୯୫୮ଟି ଏକକ/ବହୁମୁଖୀ ଗ୍ରାମ୍ୟ ଯୋଜନା ସମ୍ପୂର୍ଣ୍ଣ ହୋଇଛି;

- ୧୩ଟି ମେଗା ପ୍ରକଳ୍ପ ଏବଂ ୧,୦୪୧ଟି ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।

## ଖ) ଆର୍ଥିକ ବର୍ଷ -୨୦୨୫-୨୬ *

- ୫୯,୮୩୫ ପରିବାରକୁ ଘରୋଇ ନଳଦ୍ୱାରା ପାନୀୟ ଜଳ ସଂଯୋଗ (Household tap connection) କରାଯାଇଛି;
- ୮,୧୮୧ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ସହ ଘରୋଇ ନଳଦ୍ୱାରା ପାନୀୟ ଜଳ ସଂଯୋଗ (Household tap connection) ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଇଛି



- ୧,୨୨୩ଟି ଏକକ/ବହୁମୁଖୀ ଗ୍ରାମ୍ୟ ଯୋଜନା ସମ୍ପୂର୍ଣ୍ଣ ହୋଇଛି।
- ୧୬ଟି ମେଗା ପ୍ରକଳ୍ପ ଏବଂ ୧,୮୫୧ଟି ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।

## ଗ) ଗତ ଦୁଇ ବର୍ଷ:

- ୩,୫୨,୫୯୫ ପରିବାରକୁ ନଳ ସଂଯୋଗ ପ୍ରଦାନ କରାଯାଇଛି;
- ୧୫,୨୧୭ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଘରୋଇ ନଳଦ୍ୱାରା ପାନୀୟ ଜଳ ସଂଯୋଗ (Household tap connection) **ମାଧ୍ୟମରେ** ପାନୀୟ ଜଳ ଯୋଗାଇ ଦିଆଯାଇଛି;
- ୩,୧୮୧ଟି ଏକକ/ବହୁମୁଖୀ ଗ୍ରାମ୍ୟ ଯୋଜନା ସମ୍ପୂର୍ଣ୍ଣ ହୋଇଛି;
- ୨୯ଟି ମେଗା ପ୍ରକଳ୍ପ ଏବଂ ୨,୮୯୨ଟି ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।




### ସାରଣୀ ୧ : ଘରୋଇ ନଳଦ୍ୱାରା ପାନୀୟ ଜଳ ସଂଯୋଗ (Household Tap Water Coverage)

| ସୂଚକ | ବର୍ତ୍ତମାନର ସ୍ଥିତି | ଆର୍ଥିକ ବର୍ଷ ୨୦୨୫-୨୬ର ସଫଳତା | ଆର୍ଥିକ ବର୍ଷ ୨୦୨୪-୨୫ର ସଫଳତା | ଗତ ୨ ବର୍ଷର ସଫଳତା |
|---|---|---|---|---|
| ଘରୋଇ ନଳଦ୍ୱାରା ପାନୀୟ ଜଳ ସଂଯୋଗ | ୮୮,୬୪,୯୬୧ ପରିବାର ମଧ୍ୟରୁ ୬୮,୫୨,୮୫୯ (୭୭.୫୩%) | ୫୯,୮୩୫ ପରିବାର | ୨,୯୨,୭୬୦ ପରିବାର | ୩,୫୨,୫୯୫ ପରିବାର |

### ସାରଣୀ ୨ : ଗ୍ରାମ ସ୍ତରୀୟ ଜଳ ଯୋଗାଣ ସ୍ଥିତି
(Village-Level Water Supply Status)

| ପାରାମିଟର (Parameter) | ବର୍ତ୍ତମାନର ସ୍ଥିତି | ଆର୍ଥିକ ବର୍ଷ ୨୦୨୫-୨୬ର ସଫଳତା* | ଆର୍ଥିକ ବର୍ଷ ୨୦୨୪-୨୫ର ସଫଳତା | ଗତ ୨ ବର୍ଷର ସଫଳତା |
|---|---|---|---|---|
| ପାଇପ୍ ଜଳ ଯୋଗାଣ (PWS) ବ୍ୟବସ୍ଥା ମାଧ୍ୟମରେ ଅନ୍ତର୍ଭୁକ୍ତ ଗ୍ରାମ | ୨୮,୩୫୮ | ୮,୧୮୧ | ୭,୦୩୭ | ୧୫,୨୧୭ |

### ସାରଣୀ ୩: ଯୋଜନା ପ୍ରସ୍ତୁତି ଏବଂ ସମାପ୍ତି
(Scheme Planning and Completion)

| ଯୋଜନାର ପ୍ରକାର | ସମୁଦାୟ ଯୋଜନା | ବର୍ତ୍ତମାନ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ | ୨୫-୨୬ ଆର୍ଥିକ ବର୍ଷର ସଫଳତା | ୨୪-୨୫ ଆର୍ଥିକ ବର୍ଷ ର ସଫଳତା | ଗତ ୨ ବର୍ଷର ସଫଳତା |
|---|---|---|---|---|---|
| ଏକକ/ ବହୁମୁଖୀ ଗ୍ରାମ୍ୟ ଯୋଜନା | ୧୯୦୭୩ | ୧୮୫୪୬ | ୧୨୨୩ | ୧୯୫୮ | ୩୧୮୧ |
| ମେଗା ପ୍ରକଳ୍ପ | ୨୦୭ | ୩୨ | ୧୬ | ୧୩ | ୨୯ |
| ସୌର ପ୍ରକଳ୍ପ | ୮୬୪୦ | ୬୩୩୬ | ୧୮୫୧ | ୧୦୪୧ | ୨୮୯୨ |

* ଆର୍ଥିକ ବର୍ଷ ୨୦୨୫-୨୬ ର ପରିସଂଖ୍ୟାନରେ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ସାମିଲ ଅଛି

## ୭. ଗ୍ରାମୀଣ ପରିମଳ (Rural Sanitation)

### କ) ଆର୍ଥିକ ବର୍ଷ ୨୦୨୪-୨୫:

**ବାହ୍ୟ ମଳମୁକ୍ତ ଆଦର୍ଶ ଗ୍ରାମ (ODF Plus Model Village) :** ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ ଅଧୀନରେ ମୋଟ ୯୩ ପ୍ରତିଶତ ଗ୍ରାମକୁ **ବାହ୍ୟ ମଳମୁକ୍ତ ଆଦର୍ଶ ଗ୍ରାମ** ଭାବେ ଘୋଷଣା କରାଯାଇଛି।



**ବ୍ୟକ୍ତିଗତ ଶୌଚାଳୟ:** ମୋଟ ୧,୦୮,୪୬୦ ପରିବାରକୁ ବ୍ୟକ୍ତିଗତ ଶୌଚାଳୟ ଯୋଗାଇ ଦିଆଯାଇଛି।

**ଗୋଷ୍ଠୀ ପରିମଳ କେନ୍ଦ୍ର (CSC):** ୫୮୨ଟି କେନ୍ଦ୍ର ନିର୍ମାଣ କରାଯାଇ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଗ୍ରାମ ପଞ୍ଚାୟତଗୁଡ଼ିକୁ ହସ୍ତାନ୍ତର କରାଯାଇଛି।

### ଖ) ଆର୍ଥିକ ବର୍ଷ ୨୦୨୫-୨୬:

**ବାହ୍ୟ ମଳମୁକ୍ତ ଆଦର୍ଶ ଗ୍ରାମ (ODF Plus Model Village) :** ଅତିରିକ୍ତ ୯୬ ପ୍ରତିଶତ ଗ୍ରାମକୁ ବାହ୍ୟ ମଳମୁକ୍ତ ଆଦର୍ଶ ଗ୍ରାମ



(ODF Plus Model Village) ଭାବେ ଘୋଷଣା କରାଯାଇଛି।

**ବ୍ୟକ୍ତିଗତ ଶୌଚାଳୟ:** ମୋଟ ୧,୫୪,୮୪୬ ପରିବାରକୁ ବ୍ୟକ୍ତିଗତ ଶୌଚାଳୟ ଯୋଗାଇ ଦିଆଯାଇଛି।



**ଗୋଷ୍ଠୀ ପରିମଳ କେନ୍ଦ୍ର (CSC):** ୯୪୧ଟି କେନ୍ଦ୍ର ନିର୍ମାଣ କରାଯାଇ ଗ୍ରାମ ପଞ୍ଚାୟତଗୁଡ଼ିକୁ ହସ୍ତାନ୍ତର କରାଯାଇଛି।

### ଗ) ବିଗତ ଦୁଇ ବର୍ଷ:

**ବାହ୍ୟ ମଳମୁକ୍ତ ଆଦର୍ଶ ଗ୍ରାମ (ODF Plus Model Village) :** ଗ୍ରାମୀଣ ପରିମଳ କ୍ଷେତ୍ରରେ ନିରନ୍ତର ଅଗ୍ରଗତି ପ୍ରଦର୍ଶନ କରି ଅଦ୍ୟାବଧି ସମୁଦାୟ ୯୬ ପ୍ରତିଶତ ଗ୍ରାମ ଏହି ସଫଳତା ହାସଲ କରିଛନ୍ତି।



**ବ୍ୟକ୍ତିଗତ ଶୌଚାଳୟ :** ସମୁଦାୟ ୨,୬୩,୩୦୬ ପରିବାରକୁ ବ୍ୟକ୍ତିଗତ ଶୌଚାଳୟ ଯୋଗାଇ ଦିଆଯାଇଛି।

**ଗୋଷ୍ଠୀ ପରିମଳ କେନ୍ଦ୍ର (CSC):** ଗୋଷ୍ଠୀ ପରିମଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୧,୫୨୩ଟି କେନ୍ଦ୍ର ନିର୍ମାଣ କରାଯାଇ ଗ୍ରାମ ପଞ୍ଚାୟତଗୁଡ଼ିକୁ ହସ୍ତାନ୍ତର କରାଯାଇଛି।

## ୮. କେନ୍ଦ୍ରୀୟ ଅର୍ଥ କମିଶନ (Central Finance Commission):

### କ). ଆର୍ଥିକ ବର୍ଷ ୨୦୨୪-୨୫:

**ଅତିରିକ୍ତ ସୁବିଧା ସହିତ ଗ୍ରାହକ ସେବା କେନ୍ଦ୍ର (CSP Plus) ଭବନ:** ବ୍ୟାଙ୍କିଙ୍ଗ ସେବା ନଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇଦେବା ପାଇଁ ୧,୩୩୬ଟି ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।



**ବନ ସୁରକ୍ଷା ସମିତି ଭବନ ନିର୍ମାଣ :** ୬୮୯ଟି ବନ ସୁରକ୍ଷା ସମିତି ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

### ଖ). ଆର୍ଥିକ ବର୍ଷ ୨୦୨୫-୨୬:

**ଅତିରିକ୍ତ ସୁବିଧା ସହିତ ଗ୍ରାହକ ସେବା କେନ୍ଦ୍ର (CSP Plus) ଭବନ:** ବ୍ୟାଙ୍କିଙ୍ଗ ସେବା ନଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ବ୍ୟାଙ୍କିଙ୍ଗ ସୁବିଧା ପାଇଁ ୧,୫୬୮ଟି ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

**ବନ ସୁରକ୍ଷା ସମିତି ଭବନ:** ୨,୨୬୭ଟି ବନ ସୁରକ୍ଷା ସମିତି ଭବନ ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

### ଗ). ବିଗତ ଦୁଇ ବର୍ଷ:

**ଅତିରିକ୍ତ ସୁବିଧା ସହିତ ଗ୍ରାହକ ସେବା କେନ୍ଦ୍ର (CSP Plus) ଭବନ:** ବ୍ୟାଙ୍କିଙ୍ଗ ସୁବିଧା ନଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ବ୍ୟାଙ୍କିଙ୍ଗ ସେବା ଯୋଗାଇଦେବା ପାଇଁ ସମୁଦାୟ ୨,୯୨୨ଟି ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।



**ବନ ସୁରକ୍ଷା ସମିତି ଭବନ:** ସମୁଦାୟ ୩,୦୫୬ଟି ବନ ସୁରକ୍ଷା ସମିତି (VSS) ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

## ୯ . ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନ (State Institute of Rural Development and Panchayati Raj (SIRD & PR):

### କ). ଆର୍ଥିକ ବର୍ଷ ୨୦୨୪-୨୫:

**ପ୍ରଶିକ୍ଷଣ କାର୍ଯ୍ୟକ୍ରମ:** ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ (RGSA) ଅଧୀନରେ ୪,୯୩୦ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି, ଯେଉଁଥିରେ ୨,୭୯,୫୦୫ ପଞ୍ଚାୟତିରାଜ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି।



**ଅନୁଭୂତି ଭ୍ରମଣ (Exposure Visit):** ୪୬୩ ଜଣ ପ୍ରତିନିଧି ରାଜ୍ୟ ଭିତରେ ଏବଂ ବାହାରେ ଅନୁଭୂତି ଭ୍ରମଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

**ଜାତୀୟ ସ୍ୱୀକୃତି:** ୫ଟି ଗ୍ରାମ ପଞ୍ଚାୟତ ସମେତ ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଜାତୀୟ ପଞ୍ଚାୟତ ପୁରସ୍କାରରେ ପ୍ରଥମ ସ୍ଥାନ ଏବଂ କୋରାପୁଟ ଜିଲ୍ଲା ପରିଷଦ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

**ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର:** ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନ (SIRD & PR) ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ପାଇଁ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।



**ISO ପ୍ରମାଣପତ୍ର:** ୧୯୨ଟି ଗ୍ରାମ ପଞ୍ଚାୟତ ଏବଂ ୮ଟି ବ୍ଲକ ISO ପ୍ରମାଣିତ ହୋଇଛନ୍ତି।

## ଖ). ଆର୍ଥିକ ବର୍ଷ ୨୦୨୫-୨୬:

**ପ୍ରଶିକ୍ଷଣ କାର୍ଯ୍ୟକ୍ରମ:** ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ଅଧୀନରେ ୪,୯୩୫ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି, ଯେଉଁଥିରେ ୩,୦୦,୫୨୩ ପଞ୍ଚାୟତିରାଜ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି।



**ଅନୁଭୂତି ଭ୍ରମଣ:** ୮୭୫ ଜଣ ପ୍ରତିନିଧି ରାଜ୍ୟ ଭିତରେ ଏବଂ ବାହାରେ ଅନୁଭୂତି ଭ୍ରମଣରେ ଯୋଗ ଦେଇଛନ୍ତି।

**ଜାତୀୟ ସ୍ୱୀକୃତି:** ଗଞ୍ଜାମ ଜିଲ୍ଲା ପରିଷଦ ଏବଂ ୪ଟି ଗ୍ରାମ ପଞ୍ଚାୟତ ଜାତୀୟ ପଞ୍ଚାୟତ ପୁରସ୍କାର ଜିତିଛନ୍ତି । SIRD&PR ପୁନର୍ବାର ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି।



**ଆଦର୍ଶ ଯୁବ ଗ୍ରାମସଭା ପୁରସ୍କାର:** ନବରଙ୍ଗପୁର ଜିଲ୍ଲାର ହିରଲି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (EMRS) ଏହି ପୁରସ୍କାର ପାଇଛି।

**ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର:** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ସୁଆକାଟି ଗ୍ରାମ ପଞ୍ଚାୟତ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି।

**ଜାତୀୟ ପେସା (PESA) ମହୋତ୍ସବ ୨୦୨୫:** ଓଡ଼ିଶା ପୁରୁଷ ବର୍ଗ କବାଡି ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ମହିଳା ବର୍ଗ କବାଡି ଓ ତୀରନ୍ଦାଜୀ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛି।



**ISO ପ୍ରମାଣପତ୍ର ଓ PLC:** ୨୦୦ଟି ଗ୍ରାମ ପଞ୍ଚାୟତ ISO ପ୍ରମାଣିତ ହୋଇଛନ୍ତି ଏବଂ ୬୦ଟି ପଞ୍ଚାୟତ ପ୍ରଶିକ୍ଷଣ କେନ୍ଦ୍ର (PLC) ପ୍ରତିଷ୍ଠା କରାଯାଇଛି।



## ଗ). ବିଗତ ଦୁଇ ବର୍ଷ:

**ପ୍ରଶିକ୍ଷଣ କାର୍ଯ୍ୟକ୍ରମ:** ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ (RGSA) ଅନ୍ତର୍ଗତ ୯,୬୮୫ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି, ଯେଉଁଥିରେ ୫,୮୦,୦୨୮ ଜଣ ପଞ୍ଚାୟତିରାଜ ଅନୁଷ୍ଠାନ (PRI) ସଦସ୍ୟ ଅଂଶଗ୍ରହଣ କରିଛନ୍ତି।

**ଅଭିଜ୍ଞତା ଭ୍ରମଣ (Exposure Visit):** ୧,୩୩୮ ଜଣ ଅଂଶଗ୍ରହଣକାରୀ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ଅଭିଜ୍ଞତା ଭ୍ରମଣରେ ଯୋଗ ଦେଇଛନ୍ତି।

**ଜାତୀୟ ସ୍ୱୀକୃତି:** **୦୯ଟି** ଗ୍ରାମ ପଞ୍ଚାୟତ, ୦୨ଟି ବ୍ଲକ ଏବଂ କୋରାପୁଟ ଓ ଗଞ୍ଜାମ ଜିଲ୍ଲା ପରିଷଦ 'ଜାତୀୟ ପଞ୍ଚାୟତ ପୁରସ୍କାର' ଲାଭ କରିଛନ୍ତି। SIRD & PR ଅନୁଷ୍ଠାନ 'ଜାତୀୟ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର'ରେ ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

**ଆଦର୍ଶ ଯୁବ ଗ୍ରାମ ସଭା ପୁରସ୍କାର:** ନବରଙ୍ଗପୁର ଜିଲ୍ଲାର ହିର୍ଲି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (EMRS) ଏହି ପୁରସ୍କାର ପାଇଛି।

**ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର:** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ସୁଆକାଟି ଗ୍ରାମ ପଞ୍ଚାୟତକୁ ଏହି ସମ୍ମାନ ମିଳିଛି।

**ଜାତୀୟ ପେସା (PESA) ମହୋତ୍ସବ ୨୦୨୫:** ଓଡ଼ିଶା ପୁରୁଷ କବାଡିରେ ଦ୍ୱିତୀୟ ଏବଂ ମହିଳା କବାଡି ଓ ତୀରନ୍ଦାଜୀରେ ତୃତୀୟ ସ୍ଥାନ ହାସଲ କରିଛି।

**ISO ପ୍ରମାଣିତ:** ୩୯୨ଟି ଗ୍ରାମ ପଞ୍ଚାୟତ ଏବଂ ୦୮ଟି ବ୍ଲକ ISO ପ୍ରମାଣପତ୍ର ପାଇଛନ୍ତି। ଏଥିସହ ୬୦ଟି 'ପଞ୍ଚାୟତ ଶିକ୍ଷଣ କେନ୍ଦ୍ର' (PLC) ପ୍ରତିଷ୍ଠା କରାଯାଇଛି।

## ୧୦ . ବିକଶିତ ଗାଁ ବିକଶିତ ଓଡ଼ିଶା (BGBO):

### କ). ଆର୍ଥିକ ବର୍ଷ ୨୦୨୪-୨୫:

**ବିକଶିତ ଗାଁ ବିକଶିତ ଓଡ଼ିଶା (BGBO) ପ୍ରକଳ୍ପ:** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆଠାରେ ୦୫.୦୨.୨୦୨୫ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ମୋଟ ୧,୦୦୦ କୋଟି ଟଙ୍କାର ଆବଣ୍ଟିତ ରାଶି ମଧ୍ୟରୁ ୮୬୯.୮୩ କୋଟି ଟଙ୍କା ବିନିଯୋଗ ହୋଇସାରିଛି ଏବଂ ୧୯୩୩୧ ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି।



### ଖ). ଆର୍ଥିକ ବର୍ଷ ୨୦୨୫-୨୬:

**ବିକଶିତ ଗାଁ ବିକଶିତ ଓଡ଼ିଶା (BGBO) ପ୍ରକଳ୍ପ :** ଏହି ପ୍ରକଳ୍ପରେ ଅଦ୍ୟାବଧି ୨୭୨.୩୩ କୋଟି ଟଙ୍କା ବିନିଯୋଗ ହୋଇସାରିଛି ଏବଂ ୯୫୬୦ ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି।



### ଗ). ବିଗତ ଦୁଇ ବର୍ଷ:

**ବିକଶିତ ଗାଁ ବିକଶିତ ଓଡ଼ିଶା (BGBO) ପ୍ରକଳ୍ପ :** ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୦୫.୦୨.୨୦୨୫ ରିଖରେ ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା (BGBO)ର ଶୁଭାରମ୍ଭ କରାଯିବା ସହିତ ୨୦୨୪-୨୫ ରୁ ୨୦୨୬-୨୭ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ୫୦୦୦ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ମୋଟ ୧୧୪୨.୧୬ କୋଟି ଟଙ୍କା ବିନିଯୋଗ ହୋଇସାରିଛି ଏବଂ ୨୮୮୯୧ ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି।



## ୧୧. ଗ୍ରାମୀଣ ଯୁବକଙ୍କ ଦକ୍ଷତା ବିକାଶ

### କ) ଆର୍ଥିକ ବର୍ଷ ୨୦୨୪-୨୫:

**ଦକ୍ଷତା ବିକାଶ ପ୍ରଶିକ୍ଷଣ:** DDU-GKY କାର୍ଯ୍ୟକ୍ରମ ଅଧୀନରେ ୧,୦୪୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, ଯେଉଁଥିରୁ ୧,୨୧୦ ଜଣ ନିଯୁକ୍ତି ପାଇଛନ୍ତି। ସେହିପରି OMC-ORMAS କାର୍ଯ୍ୟକ୍ରମରେ ୮୦୨ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ୫୬୧ ଜଣ ନିଯୁକ୍ତି ଦିଆଯାଇଛି।



**କୃଷକ ଉତ୍ପାଦକ ସଂଗଠନ (FPO):** ମୋଟ ୮୯ଟି କୃଷକ ଉତ୍ପାଦକ ସଂଗଠନ (FPO) ସଫଳତାର ସହ ପଞ୍ଜିକୃତ ହୋଇଛି, ଯେଉଁଥିରୁ ୫୭ଟି କୃଷକ ଉତ୍ପାଦକ ସଂଗଠନ ସମୁଦାୟ ୨୯.୭୯ କୋଟି ଟଙ୍କାର ବ୍ୟବସାୟିକ କାରବାର କରିଛନ୍ତି।

**ପ୍ରଦର୍ଶନୀ ଓ ମେଳା:** ସମୁଦାୟ ୨୭ଟି ପ୍ରଦର୍ଶନୀ ପ୍ରଦର୍ଶନୀ ଆୟୋଜନ କରାଯାଇଛି, ଯେଉଁଥିରେ ୫୭୪୫ଟି SHG/ PG/ FPO/ PO ଅଂଶଗ୍ରହଣ କରି ୧୨୧.୬୧ କୋଟି ଟଙ୍କାର କାରବାର କରିଛନ୍ତି।



### ଖ). ଆର୍ଥିକ ବର୍ଷ ୨୦୨୫-୨୬:

**ଦକ୍ଷତା ବିକାଶ ପ୍ରଶିକ୍ଷଣ:** DDU-GKY କାର୍ଯ୍ୟକ୍ରମ ଅଧୀନରେ ୪,୭୭୮ ଜଣ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, ଯେଉଁଥିରୁ ୧,୫୫୮ ଜଣ ନିଯୁକ୍ତି ପାଇଛନ୍ତି। ସେହିପରି OMC-ORMAS ଦକ୍ଷତା ପ୍ରଶିକ୍ଷଣ ଅଧୀନରେ ୯୨ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ୬୪ ଜଣ ନିଯୁକ୍ତି ପାଇଛନ୍ତି।

**କୃଷକ ଉତ୍ପାଦକ ସଂଗଠନ (FPO):** ୮୯ଟି କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ମୋଟ ୩୮,୫୧୬ ଜଣ ମହିଳା ଚାଷୀଙ୍କୁ ଅଂଶୀଦାର ଭାବେ ଏକତ୍ରିତ କରାଯାଇଛି,

ଯେଉଁମାନେ ସମୁଦାୟ ୪୫.୮୨ କୋଟି ଟଙ୍କାର ବ୍ୟବସାୟିକ କାରବାର କରିଛନ୍ତି।

**ପ୍ରଦର୍ଶନୀ ଓ ମେଳା:** ୨୮ଟି ପ୍ରଦର୍ଶନୀ ଆୟୋଜନ କରାଯାଇଛି, ଯେଉଁଥିରେ ୪,୯୫୦ଟି SHG/PG/FPO/PO ଅଂଶଗ୍ରହଣ କରି ୨୬୮.୯୨ କୋଟି ଟଙ୍କାର କାରବାର କରିଛନ୍ତି।

**ଗ). ବିଗତ ଦୁଇ ବର୍ଷ:**

**ଦକ୍ଷତା ବିକାଶ ପ୍ରଶିକ୍ଷଣ:** ସାମଗ୍ରିକ ଭାବେ DDU-GKY ଅଧୀନରେ ୫,୮୧୮ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇ ୨,୭୬୮ ଜଣଙ୍କୁ ନିଯୁକ୍ତି ମିଳିଛି। OMC-ORMAS ଅଧୀନରେ ୮୯୪ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇ ୬୨୫ ଜଣଙ୍କୁ ନିଯୁକ୍ତି ମିଳିଛି।



**କୃଷକ ଉତ୍ପାଦକ ସଂଗଠନ (FPO):** ଦୁଇ ବର୍ଷ ମଧ୍ୟରେ ୮୯ଟି କୃଷକ ଉତ୍ପାଦକ ସଂଗଠନ ସଫଳତାର ସହ ପଞ୍ଜିକୃତ ହୋଇଛି ଏବଂ ୩୮,୫୧୬ ଜଣ ମହିଳା ଚାଷୀ ଏଥିରେ ସାମିଲ ହୋଇଛନ୍ତି। ଏହି ସଂଗଠନ ଗୁଡ଼ିକ ମୋଟ ୪୫.୮୨ କୋଟି ଟଙ୍କାର କାରବାର କରିଛନ୍ତି।

**ପ୍ରଦର୍ଶନୀ ଓ ମେଳା:** ସମୁଦାୟ ୫୫ଟି ପ୍ରଦର୍ଶନୀ ପ୍ରଦର୍ଶନୀ ଆୟୋଜନ କରାଯାଇଛି, ଯେଉଁଥିରେ ୧୦,୬୯୫ଟି SHG/PG/FPO/PO ଅଂଶଗ୍ରହଣ କରି ସମୁଦାୟ ୩୯୦.୫୩ କୋଟି ଟଙ୍କାର ବ୍ୟବସାୟ କରିଛନ୍ତି।

**୧୨.ଇ-ଶାସନ ପଦକ୍ଷେପ (e-governance initiative)**

**କ)ପଞ୍ଚାୟତ ପ୍ରକଳ୍ପ ଅନୁଧ୍ୟାନ ବ୍ୟବସ୍ଥା (PPMS):** ୨୦୨୪ ମସିହା ନଭେମ୍ବର ୪ ତାରିଖରୁ କାର୍ଯ୍ୟକାରୀ ହୋଇଥିବା PPMS ହେଉଛି ଏକ ୱେବ୍-ଭିତ୍ତିକ ଇ-ଗଭର୍ଣ୍ଣାନ୍ସ ଆପ୍ଲିକେସନ୍, ଯାହା ଓଡ଼ିଶାର ୩୧୪ଟି ବ୍ଲକରେ ପ୍ରକଳ୍ପ ପରିଚାଳନା କାର୍ଯ୍ୟକୁ ଆଧୁନିକ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ପଞ୍ଚାୟତ ପ୍ରକଳ୍ପ ଅନୁଧ୍ୟାନ ବ୍ୟବସ୍ଥା ମାଧ୍ୟମରେ ପ୍ରଶାସନିକ ଅନୁମୋଦନ, ଯୋଜନା ଅଟକଳ ପ୍ରସ୍ତୁତି ଏବଂ ଅନଲାଇନ୍ ପେମେଣ୍ଟ ପ୍ରକ୍ରିୟାକୁ କାଗଜବିହୀନ ଓ ସରଳ କରାଯାଇଛି । ମୋବାଇଲ୍-ଭିତ୍ତିକ ଜିଓ-ଟ୍ୟାଗିଂ ଏବଂ ରିଅଲ-ଟାଇମ୍ ଟ୍ରାକିଂ ମାଧ୍ୟମରେ ଏହା ସ୍ୱଚ୍ଛତା ଏବଂ ଆର୍ଥିକ ଉତ୍ତରଦାୟିତ୍ୱ ନିଶ୍ଚିତ କରାଯାଇଛି । ଏହି ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ପଞ୍ଚାୟତିରାଜ ଓ ପାନୀୟ ଜଳ (PR & DW) ବିଭାଗ ବିକାଶମୂଳକ ଯୋଜନାଗୁଡ଼ିକର ପ୍ରଭାବଶାଳୀ ତଦାରଖ କରିବା ସହ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିପାରୁଛି।



**ଖ). ଇ-ପଞ୍ଚାୟତ ସଭା (e-Panchayat Sabha):** ୨୦୨୫ ମସିହା ଏପ୍ରିଲ୍ ମାସରେ ଆରମ୍ଭ ହୋଇଥିବା

'ଇପଞ୍ଚାୟତ ସଭା' ହେଉଛି ଏକ ଡିଜିଟାଲ୍ ୱାର୍କଫ୍ଲୋ-ଭିତ୍ତିକ ଆପ୍ଲିକେସନ୍, ଯାହା ରାଜ୍ୟର ସମସ୍ତ ୬,୭୯୪ ଗ୍ରାମ ପଞ୍ଚାୟତର ପ୍ରଶାସନିକ କାର୍ଯ୍ୟକୁ ଆଧୁନିକ କରିବା ପାଇଁ ଉଦ୍ଦିଷ୍ଟ। ପାରମ୍ପରିକ କାଗଜ କାର୍ଯ୍ୟ ବଦଳରେ ଏହି ପ୍ଲାଟଫର୍ମ ମାଧ୍ୟମରେ ମାସିକ, ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ବୈଠକଗୁଡ଼ିକୁ ସ୍ୱଚ୍ଛତାର ସହ ପରିଚାଳନା କରାଯାଉଛି। ମୋବାଇଲ୍ ମାଧ୍ୟମରେ ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନରୁ ଏହାର ବ୍ୟବହାର କରିହେଉଥିବାରୁ ଏହା ଗ୍ରାମୀଣ ପ୍ରଶାସନର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେଉଛି।

### ଗ). ଇ-ପଞ୍ଚାୟତ ସମୀକ୍ଷା (ଆଭ୍ୟନ୍ତରୀଣ ଅଡିଟ୍ ପୋର୍ଟାଲ୍):



୨୦୨୬ ମସିହା ଏପ୍ରିଲ୍ ୨୪ ତାରିଖରେ ଶୁଭାରମ୍ଭ ହୋଇଥିବା ଏହି ପୋର୍ଟାଲ୍ ଆଭ୍ୟନ୍ତରୀଣ ଅଡିଟ୍‌କୁ ସୁଦୃଢ଼ କରିବା, ସ୍ୱଚ୍ଛତା ବୃଦ୍ଧି ଏବଂ ଆର୍ଥିକ ପରିଚାଳନାରେ ସଂସ୍କାର ଆଣିବା ପାଇଁ ଏକ ବ୍ୟାପକ ଡିଜିଟାଲ୍ ପ୍ଲାଟଫର୍ମ । ଏହା ଅଡିଟ୍ ସମୟରେ ଦେଖାଯାଉଥିବା ଅନିୟମିତତା ରୋକିବାରେ ସାହାଯ୍ୟ କରିବା ସହ ବେକି ସଂଶୋଧନ ଓ ପେନସନ୍ ଚୂଡ଼ାନ୍ତ ପୂର୍ବରୁ ଆପତ୍ତିଗୁଡ଼ିକର ଯାଞ୍ଚ ପାଇଁ ରିଅଲ-ଟାଇମ୍ ସୁବିଧା ପ୍ରଦାନ କରିବ। ଏହା ଅଡିଟରମାନଙ୍କ ପାଇଁ ଏକ 'ୱାନ୍-ଷ୍ଟପ୍ ରିସୋର୍ସ' ଭାବେ କାର୍ଯ୍ୟ କରିବ, ଯେଉଁଥିରେ ସମସ୍ତ ଗାଇଡଲାଇନ୍ ଓ ତଥ୍ୟ ସହଜରେ ଉପଲବ୍ଧ ହେବ।

### ୧୩. ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା (Mahapurusha Adarsha Gram Yojana)

ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା ହେଉଛି ଓଡ଼ିଶା ସରକାରଙ୍କ ଏକ ନୂତନ ଓ ଅଭିନବ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ। ଏହାର ଲକ୍ଷ୍ୟ ହେଉଛି ରାଜ୍ୟର ବିଶିଷ୍ଟ ମହାପୁରୁଷମାନଙ୍କ ଜନ୍ମସ୍ଥାନ ଓ ସେମାନଙ୍କ ସହ ଜଡ଼ିତ



ଗ୍ରାମଗୁଡ଼ିକର ସାମଗ୍ରିକ ଉନ୍ନତି ସାଧନ କରିବା। ଏହି ଯୋଜନା ମାଧ୍ୟମରେ ମହାପୁରୁଷମାନଙ୍କ ଆଦର୍ଶ ଓ ସ୍ମୃତିକୁ ସଂରକ୍ଷଣ କରିବା ସହିତ ଗ୍ରାମଗୁଡ଼ିକୁ ଆଧୁନିକ ସୁବିଧାସମ୍ପନ୍ନ କରାଯିବ। ସଡ଼କ, ପାଇପ୍‌ଯୋଗେ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଅଙ୍ଗନୱାଡ଼ି କେନ୍ଦ୍ର, ଖେଳ ପଡ଼ିଆ, ଡିଜିଟାଲ ସଂଯୋଗ, ସୌର ଶକ୍ତି, କୌଶଳ ବିକାଶ ଓ ଜୀବିକା ସୃଷ୍ଟି ଭଳି କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ କରାଯିବ। ୨୫ ମେ ୨୦୨୬ରେ ଏହାର ଶୁଭାରମ୍ଭ ହୋଇଥିଲା। ୨୦୨୬-୨୭ରୁ ୨୦୨୮-୨୯ ପର୍ଯ୍ୟନ୍ତ ପ୍ରାୟ ୧୦୦ରୁ ୧୫୦ଟି ଗ୍ରାମ ପଞ୍ଚାୟତକୁ ଏହି ଯୋଜନାରେ ସାମିଲ କରାଯିବ। ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାର ସମନ୍ୱୟରେ ଏହା କାର୍ଯ୍ୟକାରୀ ହେବ।

## ୧୪.ମଡେଲ ଭିଲେଜ ମିଶନ (Model Village Mission)

ମଡେଲ ଭିଲେଜ ମିଶନ ହେଉଛି ଓଡ଼ିଶା ସରକାରଙ୍କ ଏକ ମହତ୍ୱାକାଙ୍କ୍ଷୀ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ, ଯାହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨୮ ମେ ୨୦୨୬ ରେ ଶୁଭାରମ୍ଭ କରିଥିଲେ। "ବିକଶିତ ଓଡ଼ିଶା–୨୦୩୬"ର ଲକ୍ଷ୍ୟକୁ ସାକାର କରିବା ପାଇଁ ଆରମ୍ଭ ହୋଇଥିବା ଏହି ମିଶନ ମାଧ୍ୟମରେ ରାଜ୍ୟର ଗ୍ରାମଗୁଡ଼ିକୁ ସମନ୍ୱିତ ଓ ସର୍ବାଙ୍ଗୀନ ବିକାଶ ଦ୍ୱାରା ଆଦର୍ଶ ଗ୍ରାମରେ ପରିଣତ କରାଯିବ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ମିଶନ ଅଧୀନରେ ନିରାପଦ ପାନୀୟ ଜଳ, ସ୍ୱଚ୍ଛତା, ଗ୍ରାମୀଣ ସଡ଼କ, ସ୍ୱାସ୍ଥ୍ୟ ଓ ଶିକ୍ଷା ସେବା, ଡିଜିଟାଲ ସଂଯୋଗ, ସାମୁଦାୟିକ ଭିତ୍ତିଭୂମି, ଜୀବିକା ବିକାଶ ଓ ପରିବେଶ ସଂରକ୍ଷଣକୁ ଗୁରୁତ୍ୱ ଦିଆଯିବ। ରାଜ୍ୟ ବଜେଟ୍ ଏବଂ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାର ସମନ୍ୱୟରେ ଏହା କାର୍ଯ୍ୟକାରୀ ହେବ। ଏହି ମିଶନ ଗ୍ରାମ-ସହର ବ୍ୟବଧାନ ହ୍ରାସ କରି ସ୍ୱାବଲମ୍ବୀ ଓ ସଶକ୍ତ ଗ୍ରାମ ଗଠନରେ ସହାୟକ ହେବ।

## ୧୫ . ଅନ୍ୟାନ୍ୟ ଉପଲବ୍ଧି (Other Achievements)

### ବିକାଶ ବାହନ ଜନସମ୍ପର୍କ ଅଭିଯାନ (୧୨.୦୬.୨୦୨୫ ରୁ ୨୧.୦୬.୨୦୨୫)




ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ, ବିଭାଗ ପକ୍ଷରୁ ୧୨ ଜୁନ୍‌ରୁ ୨୧ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଦଶ ଦିନ ବ୍ୟାପୀ ସମଗ୍ର ରାଜ୍ୟରେ "ବିକାଶ ବାହନ" ଜନସମ୍ପର୍କ ଅଭିଯାନ ସଫଳତାର ସହ ଆୟୋଜନ ଓ ପରିଚାଳନା କରାଯାଇଥିଲା। ଏଥିପାଇଁ ଏଲ୍.ଇ.ଡି. (LED) ସ୍କ୍ରିନ୍ ସହିତ ଏକ ସ୍ୱତନ୍ତ୍ର ଭାବେ ସଜ୍ଜିତ ଗାଡ଼ି ପ୍ରତି ବ୍ଲକରେ ନିୟୋଜିତ କରାଯାଇଥିଲା ଏବଂ ଏହା ସମସ୍ତ ଗ୍ରାମ ଓ ପୌରାଞ୍ଚଳ ୱାର୍ଡଗୁଡ଼ିକୁ ପରିକ୍ରମା କରିଥିଲା। ଏହି ବାହନ ସରକାରଙ୍କ ବିଭିନ୍ନ ସଫଳତା ଏବଂ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରସାରଣ କରିବା ସହିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଅଧୀନରେ ତୁରନ୍ତ ସେବା ପ୍ରଦାନ ଏବଂ ହିତାଧିକାରୀଙ୍କୁ ସାମିଲ କରିବା କାର୍ଯ୍ୟକୁ ସହଜ କରିଥିଲା। ଏହି ପଦକ୍ଷେପ ସିଧାସଳଖ ଜନସମ୍ପର୍କ ଏବଂ ଯୋଗାଯୋଗ ମାଧ୍ୟମରେ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ପ୍ରଭାବଶାଳୀ ଭାବେ ଦୂର କରିପାରିଛି।

ଏହି ଅଭିଯାନ ମାଧ୍ୟମରେ ପ୍ରାୟ ୧.୪୫ ଲକ୍ଷ କିଲୋମିଟର ପରିକ୍ରମା କରାଯାଇଥିବା ବେଳେ, ୩୧ ଲକ୍ଷରୁ ଅଧିକ ନାଗରିକ ଅଂଶଗ୍ରହଣ ଦେଖାଯାଇଥିଲା ଏବଂ ପ୍ରାୟ ୨୫ ଲକ୍ଷ ସୂଚନା, ଶିକ୍ଷା ଓ ସଂଚାର (IEC ) ସାମଗ୍ରୀ ବିତରଣ କରାଯାଇଥିଲା।

## ଅଭିଯାନର ପ୍ରମୁଖ ସଫଳତାଗୁଡ଼ିକ:

ଏହି ଜନକଲ୍ୟାଣମୂଳକ ଅଭିଯାନ ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାର ସୁବିଧା ସିଧାସଳଖ ଭାବେ ଲୋକଙ୍କ ନିକଟରେ ପହଞ୍ଚା ଯାଇଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୪୬,୪୩୦ କାର୍ଯ୍ୟାଦେଶ ବିତରଣ ହୋଇଥିବା ବେଳେ ୮୯,୫୨୬ ଜଣଙ୍କୁ ମନରେଗା ଜବ୍ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ୧,୪୯,୭୯୯ ଆୟୁଷ୍ମାନ ବୟ ବନ୍ଦନା କାର୍ଡ ଏବଂ ୪୭,୪୫୩ ରାସନ କାର୍ଡ ବିତରଣ କରାଯାଇଥିଲା। କୃଷକ କଲ୍ୟାଣ ପାଇଁ ସିଏମ୍ କିଷାନ ଓ ପିଏମ୍ କିଷାନ ଯୋଜନାରେ ବହୁ ସଂଖ୍ୟକ ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ଏଥିସହ ୧୩,୦୩୮ ବ୍ୟକ୍ତିଗତ ଏବଂ ୨,୨୮୫ ସାମୁଦାୟିକ ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ ୨.୮୪ ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଥିଲା। ସାମାଜିକ ସୁରକ୍ଷା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଡିଜିଟାଲ ସେବା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ମିଳିଥିଲା। ଏହି ଅଭିଯାନ ଦ୍ୱାରା ସରକାରୀ ସେବାକୁ ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇବା ସହିତ ସୁଶାସନ ଓ ଜନକଲ୍ୟାଣକୁ ଅଧିକ ସୁଦୃଢ଼ କରାଯାଇ ପାରିଛି।

*****


ମୁଖ୍ୟ ପୃଷ୍ଠପୋଷକ :-

**ଶ୍ରୀ ଏସ୍. ଏନ୍. ଗିରୀଶ, ଭା.ପ୍ର.ସେ.**
**କମିଶନର-ତଥା-ଶାସନ ସଚିବ,**

ସମୀକ୍ଷକ :-

**ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଭା.ପ୍ର.ସେ.**
**ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ,**

ସମ୍ପାଦକ :-

**ଶ୍ରୀ ବିଦ୍ୟାଧର ସେଠୀ,**
**ଯୁଗ୍ମ ନିର୍ଦ୍ଦେଶକ,**

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ,**
**ଓଡିଶା ସରକାର**

Printed at Odisha Government Press,
Cuttack